بسم الله الرحمن الرحيم

୯ ଅକ୍ଟୋବର ୨୦୨୦ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

ହଜରତ ମୁହମ୍ମଦ ସ.ଅଙ୍କର ଉଚ୍ଚସ୍ତରରେ ଅଧିଷ୍ଠିତ ଉତ୍ସର୍ଗୀକୃତ ବଦରୀ ସାହାବୀ ହଜରତ ଅବୁ ଉବେଦାହ୍ ବିନ୍ ଜରାହ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ଜାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ଅନ୍ତେ ହଜୁର ଅନୱ୍ୱର ଅ.ବ କହିଲେ ଗତ ଖୁତବାରେ ମୁଁ ହଜରତ ଅବୁ ଉବେଦାହ୍ ବିନ୍ ଜରାହ୍ ର.ଅଙ୍କ ଜୀବନୀ ଚର୍ଚ୍ଚା କରୁଥିଲି । ଆଜି ମଧ୍ୟ ତାଙ୍କ ଜୀବନୀର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ୟରମୁକ୍ ଯାହାକି ସିରିୟାର ବିଭିନ୍ନ ଉପତ୍ୟାକା ମଧ୍ୟରୁ ଗୋଟିଏ ଉପତ୍ୟାକା । ୧୫ହିଜରୀରେ ସିରିୟାର ୟରମୁକ୍ ନଦୀ ତଟରେ ମୁସଲମାନ ଓ ଅମାନ୍ୟକାରୀମାନଙ୍କ ମଧ୍ୟରେ ସର୍ବ ବୃହତ ଯୁଦ୍ଧ ହୋଇଥିଲା । ରୋମି ସେନା ବାହିନୀର ସଂଖ୍ୟା ଅଢେଇ ଲକ୍ଷ ଥିବା ସ୍ଥଳେ ସେମାନଙ୍କ ମୁକାବିଲାରେ ମୁସଲମାନ ସେନା ମାତ୍ର ୩୦ହଜାର ଥିଲା । ଯେଉଁମାନଙ୍କ ମଧ୍ୟରେ ସାହାବୀ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ସଂଖ୍ୟା ଏକ ହଜାର ଥିଲା ଏବଂ ସେଥିମଧ୍ୟରେ ୧୦୦ଜଣ ବଦରୀ ସାହାବା ସାମିଲ୍ ଥିଲେ । ରୋମୀମାନଙ୍କ ସେନାଧ୍ୟକ୍ଷ ବାହାନା ତାଙ୍କ ଜାରୀଜ୍ ନାମି ସନ୍ଦେଶବାହକଙ୍କୁ ମୁସଲମାନ ସେନା ନିକଟକୁ ପ୍ରେରଣ କଲେ । ଯେତେବେଳେ ସେ ମୁସଲମାନ ସେନା ବାହନୀ ନିକଟରେ ପହଂଚିଲା ସେତେବେଳେ ମୁସଲମାନମାନେ ମଗ୍‌ରିବ ନମାଜ ପାଠ କରୁଥିଲେ । ସେ ମୁସଲମାନମାନଙ୍କ ବିନ୍ରମତା ଓ ନିଜ ପ୍ରଭୁଙ୍କ ନିକଟରେ ନତମସ୍ତକ ହେବା ଦେଖି ପ୍ରଭାବିତ ହେଲା । ସେ ହଜରତ ଅବୁ ଉବେଦାହ୍‌ଙ୍କୁ କିଛି ପ୍ରଶ୍ନ କଲା ସେଥିମଧ୍ୟରୁ ଗୋଟିଏ ଏପରି ଥିଲା କି ହଜରତ ଈଶାଙ୍କ ସମ୍ବନ୍ଧରେ ଆପଣଙ୍କ ମତ କ'ଣ ? ହଜରତ ଅବୁ ଉବେଦାହ୍ ପବିତ୍ର କୁରଆନର ନିମ୍ନ ପଙ୍କ୍ତି ପାଠ କଲେ ଯାହାର ଅନୁବାଦ ଏପରିକି– ହେ ଗ୍ରନ୍ଥଧାରୀମାନେ ! ତୁମେମାନେ ନିଜ ଧର୍ମ ସଂକ୍ରାନ୍ତରେ ଅତିରଞ୍ଜିତ କର ନାହିଁ; ଏବଂ ଅଲ୍ଲାଃଙ୍କ ସମ୍ବନ୍ଧରେ ସତ୍ୟ ଭିନ୍ନ ଅନ୍ୟ କିଛି କୁହ ନାହିଁ; ବାସ୍ତବରେ ମରିୟମ ନନ୍ଦନ ମସିହ ଈସା ଅଲ୍ଲାଃଙ୍କର କେବଳ ଜଣେ ରସୁଲ ଥିଲେ ଓ ତାହାଙ୍କର (ଏକ) ସୁସମାଚାର (ଦାତା) ଥିଲେ, ଯାହା ସେ ମରିୟମଙ୍କ ପ୍ରତି ଅବତୀର୍ଣ୍ଣ କରିଥିଲେ । ଏବଂ (ସେ) ତାହାଙ୍କ ତରଫରୁ ଏକ କରୁଣା ଥିଲେ, ତେଣୁ ତୁମେମାନେ ଅଲ୍ଲାଃ ଓ ତାହାଙ୍କର ସମସ୍ତ ରସୁଲଙ୍କ ଉପରେ ବିଶ୍ୱାସ କର ଓ (ଅଲ୍ଲାଃ) ତିନି (ଜଣ ବୋଲି) କୁହ ନାହିଁ; (ଏଥିରୁ) ନିବୃତ ରୁହ; (ଏହା) ତୁମମାନଙ୍କ ପକ୍ଷରେ ଉତ୍ତମ ହେବ । ଅଲ୍ଲାଃ ହିଁ ଏକମାତ୍ର ଉପାସ୍ୟ; ତାହାଙ୍କର କୌଣସି ସନ୍ତାନ ହେଉ, ଏହା ତାହାଙ୍କ ମହିମାର ପ୍ରତିକୂଳ; ଯାହା କିଛି ଆକାଶରେ ଅଛି ଓ ଯାହା କିଛି ପୃଥିବୀରେ ଅଛି ସେ ସବୁ ତାହାଙ୍କର; ଏବଂ ଅଲ୍ଲାଃଙ୍କର ସୁରକ୍ଷା ବାହାରେ ଅନ୍ୟ କାହାରି ସୁରକ୍ଷାର ଆବଶ୍ୟକତା ନାହିଁ । ପୁନଶ୍ଚ ଆଉ ଏକ ପଙ୍କ୍ତି ପାଠ କଲେ– لَنْ يَّسْتَنْكِفَ الْمَسِيْحُ اَنْ يَّكُوْنَ عَبْدًا لِّلّٰهِ وَلَا الْمَلٰٓئِكَةُ الْمُقَرَّبُوْنَ

ମସିହ ଅଲ୍ଲାଃଙ୍କର ଜଣେ ଭକ୍ତ ହୋଇଥିବା ବିଷୟ ତାଙ୍କୁ ଆଦୌ ଖରାପ ଲାଗିବ ନାହିଁ ଏବଂ (ଅଲ୍ଲାଃଙ୍କର)

ସାମୀପ୍ୟ ଲାଭ କରିଥିବା ଦେବଦୂତମାନେ ମଧ୍ୟ (ଏହାକୁ ଖରାପ ଭାବିବେ ନାହିଁ) । ଜାରିଜ୍ ଯେତେବେଳେ ପବିତ୍ର କୁରଆନର ଏହି ଶିକ୍ଷା ଶୁଣିଲା ସେତେବେଳେ ଉଚ୍ଚ ସ୍ୱରରେ କହିଉଠିଲା ନିଃସନ୍ଦେହ ରୂପେ ମସିହ ଏହି ମର୍ଯ୍ୟାଦା ଓ ସୁଗୁଣର ଅଧିକାରୀ ଏବଂ ତୁମ ଅବତାର ସତ୍ୟବାଦୀ । ଏପରି ସେ ମୁସଲମାନ ହୋଇଗଲା । ଈସାୟୀ ସେନାକୁ ମଧ ହଜରତ ଅବୁ ଉବେଦାହ୍ ଇସଲାମ ପ୍ରତି ଆହ୍ୱାନ ଦେଲେ କିନ୍ତୁ କିଛି ସୁଫଳ ମିଳିଲା ନାହିଁ । ଶେଷରେ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଗଲା । ହଜରତ ଅବୁ ଉବେଦାହ୍ ମୁସଲମାନ ସେନାକୁ ଏକ ସାରଗର୍ଭକ ଓ ଉତ୍ସାହବର୍ଦ୍ଧନ ଅଭିଭାଷଣ ଦେଇ କହିଲେ ହେ ପ୍ରଭୁଙ୍କ ଭକ୍ତଗଣ ! ପ୍ରଭୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବା ପାଇଁ ଆଗକୁ ଅଗ୍ରସର ହୁଅ, ସେ ତୁମର ସହାୟତା କରିବେ ଏବଂ ଯୁଦ୍ଧ କ୍ଷେତ୍ରରେ ତୁମ ପାଦକୁ ସୁଦୃଢ କରିବେ । ହେ ପ୍ରଭୁଙ୍କ ଭକ୍ତଗଣ ଧୈର୍ଯ୍ୟ ରକ୍ଷା କର କାରଣ ଧୈର୍ଯ୍ୟ ହିଁ ଅମାନ୍ୟ କରିବାରୁ ମୁକ୍ତି ପ୍ରଦାନ କରିବ ତଥା ପ୍ରଭୁଙ୍କୁ ପ୍ରସନ୍ନ କରିବା ଓ ଲଜ୍ୟାକୁ ପରିଚ୍ଛନ କରିବାର ମାଧ୍ୟମ ଅଟେ । ନିଜ ଧାଡ଼ିକୁ ଭଙ୍ଗ କରିବ ନାହିଁ, ଯୁଦ୍ଧର ଆରମ୍ଭ ତୁମ ଆଡୁ କରିବ ନାହିଁ, ନିଜ ବର୍ଚ୍ଛାଗୁଡ଼ିକୁ ସମ୍ଭାଳି ରଖ ଏବଂ ନିଜ ଜିହ୍ୱାକୁ ପ୍ରଭୁଙ୍କ ପ୍ରଶଂସାଗାନ କରିବାରେ ଭିଜାଇ ରଖ, ପ୍ରଭୁ ଆମ ଅଭିଳାଷା ପୂରଣ କରନ୍ତୁ । ଅମାନ୍ୟକାରୀଙ୍କ ସେନା ସମୁଦ୍ରର ଲହଡ଼ି ପରି ଆଗକୁ ଅଗ୍ରସର ହେଲା । ପ୍ରାରମ୍ଭରେ ଯୁଦ୍ଧର ପରିଣାମ ରୋମିମାନଙ୍କ ପକ୍ଷ ଆଡ଼କୁ ଢଳି ରହିଥିଲା ଏବଂ ସେମାନେ ମୁସଲମାନମାନଙ୍କୁ ପଛକୁ ଧକା ଦେବାରେ ସଫଳ ହୋଇଥିଲେ । ଈସାୟୀମାନେ ନିଜର କିଛି ତୀର ନିକ୍ଷେପକାରୀ ଏକ ଉଚ୍ଚ ଚଟାଣରେ ବସାଇ ଦେଇଥିଲେ ଏବଂ ସେମାନଙ୍କ ପ୍ରମୁଖ ତାଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ ବିଶେଷକରି ତୁମେମାନେ ସାହାବାଙ୍କୁ ତୀର ନିକ୍ଷେପ କରିବ । କାରଣ ସେମାନେ ଜାଣିଥିଲେ ଯେ ଯଦି ବଡ଼ ବଡ଼ ସାହାବାମାନେ ନିହତ ହୋଇଯାନ୍ତି ତେବେ ତଳ ପାହିଆର ସୈନିକମାନଙ୍କ ମନୋବଳ ଭୁସୁଡ଼ି ଯିବ ଏବଂ ସେମାନେ ରଣଭୂମିରୁ ପଳାୟନ କରିବେ । ସେମାନଙ୍କ ଏହି ଯୋଜନା ଫଳପ୍ରଦ ହେଲା ଏବଂ କେତେକ ସହାବା ମଧ ସେମାନଙ୍କ ଦ୍ୱାରା ନିହତ ହେଲେ ତଥା କେତେକଙ୍କ ଚକ୍ଷୁ ନଷ୍ଟ ହୋଇଗଲା । ଅକରମା ଏହି ପ୍ରତିକୂଳ ପୂର୍ଣ୍ଣ ପରିସ୍ଥିତିକୁ ଦେଖି ହଜରତ ଅବୁ ଉବେଦାହ୍ଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ସାହାବା ଧର୍ମର ଅନେକ କିଛି କରିସାରିଛନ୍ତି, ବର୍ତ୍ତମାନ ଆମେ ଯେ ପରେ ଆସିଛୁ ଆମକୁ ପୁଣ୍ୟ ଅର୍ଜନ କରିବାକୁ ସୁଯୋଗ ଦିଅନ୍ତୁ, ଆମେ ରୋମି ସେନାର ମଧଭାଗରେ ପ୍ରବେଶ କରି ଈସାୟୀ ସେନାଧକ୍ଷକୁ ନିହତ କରିଦେବୁ । ହଜରତ ଅବୁ ଉବେଦାହ୍ କହିଲେ ଏହା ତ ଅତ୍ୟନ୍ତ ବିପଦ ପୂର୍ଣ୍ଣ ପଦକ୍ଷପ ଏବଂ ଏତତ୍‌ଦ୍ୱାରା ଯେତେ ଯୁବଗୋଷ୍ଠୀ ବାହାରିବେ ସେ ସମସ୍ତେ ଶହିଦ ହୋଇଯିବେ । ଅକରମା ଉତ୍ତର ଦେଲେ ତାହା ତ ଠିକ୍ କିନ୍ତୁ ଏତତ୍ ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ । ଶେଷରେ ତାଙ୍କ ଅଳିରେ ହ.ଅବୁ ଉବେଦାହ୍ ତାଙ୍କୁ ଅନୁମତି ପ୍ରଦାନ କରିଦେଲେ । ଏପରି ସେ ଶତ୍ରୁମାନଙ୍କ ମଧ ଭାଗରେ ଆକ୍ରମଣ କରିଦେଲେ ଓ ଶତ୍ରୁକୁ ପରାସ୍ତ କଲେ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶହିଦ୍ ହୋଇଗଲେ । ଏହି ଯୁଦ୍ଧର ଫଳାଫଳ ଏପରି ପ୍ରକାଶ ପାଇଥିଲା କି ଶତ୍ରୁ ପକ୍ଷର ୮୦ହଜାର ସୈନିକ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରି ୟରମୁକ୍ ନଦୀରେ ବୁଡ଼ି ମୃତ୍ୟୁ ବରଣ କଲେ ଏବଂ ଏକ ଲକ୍ଷ ରୋମି ସୈନିକଙ୍କୁ ମୁସଲମାନମାନେ ହତ୍ୟା କରିଥିଲେ ଏବଂ ୩ହଜାର ମୁସଲମାନ ସୈନିକ ଶହିଦ୍ ହୋଇଥିଲେ ।

ୟରମୁକ୍ ବିଜୟର କିଛି ଦିନ ପୂର୍ବରୁ ହ.ଉମର ର.ଅ ସିରିଆ ଅଭିମୁଖେ ବାହାରିଥିବା ମୁସଲମାନ ସେନାର ସେନାପତି ପଦ ହ.ଅବୁ ଉବେଦାହ୍ଙ୍କୁ ପ୍ରଦାନ କରିଥିଲେ ସେତେବେଳେ ମୁସଲମାନମାନଙ୍କ ସେନାଧକ୍ଷ ହ.ଖାଲିଦ୍ ର.ଅ ଥିଲେ । ୟରମୁକ୍ ବିଜୟ ପରେ ଯେତେବେଳେ ହ.ଖାଲିଦ୍ ନିଜ ସେନାକୁ ନେଇ ଇରାକ୍ ପ୍ରତ୍ୟାବର୍ତ୍ତନ କଲେ ହ.ଖାଲିଦ୍ ମୁସଲମାନମାନଙ୍କୁ କହିଲେ ତୁମକୁ ପ୍ରସନ୍ନିତ ହେବା ଉଚିତ୍ କାରଣ ତୁମ ସର୍ଦାର ଏହି ଉମ୍ମତର ଅମିନ୍ (ବିଶ୍ୱସ୍ତ) ଅଟନ୍ତି । ଏଥିରେ ହ.ଅବୁ ଉବେଦାହ୍ କହିଲେ ମୁଁ ହୁଜୁର ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ ଖାଲିଦ୍ ବିନ୍

ୱଲିଦ୍ ପରମେଶ୍ୱରଙ୍କ ଖଡ଼ଗ୍ ମଧ୍ୟରୁ ଗୋଟିଏ ଖଡ଼ଗ୍ । ବସ୍ତୁତଃ ଏପରି ଉଭୟ ମୁଖିଆ ମୁସଲମାନ ସେନାବାହିନୀ ସମ୍ମୁଖରେ ପରସ୍ପରର ମର୍ଯ୍ୟାଦା ଓ ସମ୍ମାନ ବଜାୟ ରଖି ପରସ୍ପରକୁ ବିଦାୟ ଦେଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହା ଅଟେ ବିଶ୍ୱାସକାରୀର ଧର୍ମପରାୟଣତା ଯେ ନିଜ ନାମ ଓ ପ୍ରଶଂସାର ଅଭିଳାଷି ନଥିଲେ, ନା ସେମାନେ ମନରେ କୌଣସି ଉଚ୍ଚ ପଦ ପାଇବାର ଆଶା ବାନ୍ଧିଥିଲେ । ସେମାନଙ୍କର ଉଦ୍ଦେଶ୍ୟ ମାତ୍ର ଗୋଟିଏ ଓ ସ୍ୱଷ୍ଟ ଥିଲା ତାହା ଏହିକି ଯେ, କିଭଳି ଆମେ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବାର ଅଧିକାରୀ ହେବୁ ଏବଂ ପରମେଶ୍ୱରଙ୍କ ପ୍ରଭୁତ୍ୱ ସମଗ୍ର ସଂସାରରେ ପ୍ରତିଷ୍ଠା ହେବ । **ଅତଏବ ଏମାନେ ଆମମାନଙ୍କ ପାଇଁ ଆଦର୍ଶ ତେଣୁ ପ୍ରତ୍ୟେକ କର୍ମକର୍ତ୍ତା ବରଂ ପ୍ରତ୍ୟେକ ଅହମଦିଙ୍କୁ ଏସବୁ କଥା ନିଜ ସମ୍ମୁଖରେ ରଖିବା ଉଚିତ୍ ।**

ସରିୟାର ନିବାସୀ ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଥିଲେ । ସେମାନଙ୍କ ଭାଷା ଓ ବଂଶ ମଧ୍ୟ ଭିନ୍ନ ଭିନ୍ନ ଥିଲା । ହଜରତ ଅବୁ ଉବେଦାହ୍ ବିନ୍ ଜରାହ୍ ର.ଅ ସେମାନଙ୍କ ମଧ୍ୟରେ ନ୍ୟାୟ ବିଚାର ଓ ସମନ୍ୱୟ ରକ୍ଷା କରିଥିଲେ । ପ୍ରତ୍ୟେକଙ୍କୁ ଧାର୍ମିକ ସ୍ୱାଧିନତା ପ୍ରଦାନ କଲେ । ହଜରତ ଅବୁ ଉବେଦାହ୍ ର.ଅଙ୍କ ପ୍ରଚେଷ୍ଟା ବଶତଃ ଯେଉଁ ଆରବୀୟମାନେ ସିରିୟାରେ ବସବାସ କରୁଥିଲେ ଏବଂ ଈସାୟୀ ଧର୍ମାବଲମ୍ବୀ ଥିଲେ ସେମାନେ ଇସଲାମ ଧର୍ମ ସ୍ୱୀକାର କରିନେଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ବୈଅତୁଲ୍ ମୁକଦ୍ଦସ ବିଜୟ କରିବାରେ ମଧ୍ୟ ହଜରତ ଅବୁ ଉବେଦାହ୍ ର.ଅଙ୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ହଜରତ ଉମର ବିନ୍ ଆସ ର.ଅଙ୍କ ନେତୃତ୍ୱରେ ଇସଲାମୀୟ ସେନା ଫିଲିସ୍ତିନ୍ ଆଡ଼କୁ ଅଗ୍ରସର ହେଲା । ଯେତେବେଳେ ସେମାନେ ଫିଲିସ୍ତିନ୍ ସହର ବିଜୟ କରି ବୈଅତୁଲ୍ ମୁକଦ୍ଦସର ଘେରାଉ କଲେ ସେତେବେଳେ ହଜରତ ଅବୁ ଉବେଦାହ୍ ର.ଅଙ୍କ ସେନା ମଧ୍ୟ ଆସି ମିଳିତ ହୋଇଗଲା । ଈସାୟୀମାନେ ବାଧ୍ୟ ହୋଇ ସନ୍ଧିର ପ୍ରସ୍ତାବ ଦେଲେ କିନ୍ତୁ ସର୍ତ୍ତ ରଖିଲେ କି ହ.ଉମର ର.ଅ ସ୍ୱୟଂ ଆସି ସନ୍ଧିର ସର୍ତ୍ତାବଳୀ ନିର୍ଦ୍ଧାରଣ କରନ୍ତୁ । ହ.ଅବୁ ଉବେଦାହ୍ ଈସାୟୀମାନଙ୍କ ଏହି ପ୍ରସ୍ତାବ ହ.ଉମର ର.ଅଙ୍କ ନିକଟରେ ପହଂଚାଇ ଦେଲେ । ବସ୍ତୁତଃ ହ.ଉମର ର.ଅ ୧୬ହିଜରୀର ରବିଉଲ୍ ଅଓ୍ୱଲ ମାସରେ ମଦିନାରୁ ପ୍ରସ୍ଥାନ କଲେ ଏବଂ ଜାବିୟା ସ୍ଥାନରେ ପହଂଚିଲେ ଯାହାକି ଦମିଶକ୍ ନିକଟବର୍ତ୍ତୀ ଏକ ବସ୍ତି ଥିଲା ସେଠାରେ ମୁସଲମାନ କାଏଦମାନେ ଆପଣଙ୍କୁ ସ୍ୱାଗତ କଲେ । ସେମାନଙ୍କୁ ଆପଣ ପଚାରିଲେ ମୋ ଭାଇ କେଉଁଠାରେ ? ଲୋକେ ପଚାରିଲେ ହେ ଅମିରୁଲ୍ ମୁମିନିନ୍ ଏଥିରେ ଆପଣଙ୍କ ଉଦ୍ଦେଶ୍ୟ କିଏ । ଆପଣ କହିଲେ ହ.ଅବୁ ଉବେଦାହ୍ ର.ଅ । ଲୋକେ କହିଲେ ସେ ଆସୁଛନ୍ତି, ଇତିମଧ୍ୟରେ ହ.ଅବୁ ଉବେଦାହ୍ ଓଟରେ ଚଢି ଆସି ପହଂଚିଗଲେ ଏବଂ ସଲାମ କହି ହଜୁରଙ୍କ କୁଶଳମଙ୍ଗଳ ପଚାରି ବୁଝିଲେ । ହ.ଉମର ର.ଅ ବାକି ସମସ୍ତ ଲୋକମାନଙ୍କୁ ଯିବାକୁ କହିଲେ ଏବଂ ସ୍ୱୟଂ ହ.ଅବୁ ଉବେଦାହ୍‌ଙ୍କ ସାଥିରେ ତାଙ୍କ ବାସସ୍ଥାନକୁ ପ୍ରସ୍ଥାନ କଲେ । ସେଠାରେ ପହଂଚି ଦେଖିଲେ ଯେ ଉକ୍ତସ୍ଥଳେ ମାତ୍ର ଗୋଟିଏ ଖଣ୍ଡା, ଗୋଟିଏ ଚଟାଇ ଓ ଗୋଟିଏ ପାତ୍ର ବ୍ୟତୀତ ଅନ୍ୟ କିଛି ନାହିଁ । **ହ.ଉମର ର.ଅ କହିଲେ ହେ ଅବୁ ଉବେଦାହ୍ ନିଜ ପାଇଁ କିଛି ସାମଗ୍ରୀ ରଖିନେଇଥାନ୍ତ । ହ.ଅବୁ ଉବେଦାହ୍ ର.ଅ କହିଲେ ହେ ଅମିରୁଲ୍ ମୁମିନିନ୍ ଏସବୁ ଆମକୁ ଆଳସି କରିଦେବ ।**

ଅରବାଜ୍ ବିନ୍ ସାରା ବର୍ଣ୍ଣନା କରନ୍ତି ଯେ ଯେତେବେଳେ ହ.ଅବୁ ଉବେଦାହ୍ ର.ଅ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ସେତେବେଳେ ମୁଁ ତାଙ୍କ ସେବାରେ ଉପସ୍ଥିତ ହେଲି ହ.ଅବୁ ଉବେଦାହ୍ ର.ଅ କହିଲେ ମୁଁ ହଜୁର ସ.ଅଙ୍କ ଠାରୁ ଶୁଣିଛି, ଯେ ପେଟ ରୋଗରେ ମୃତ୍ୟୁ ବରଣ କରେ ସେ ଶହିଦ୍, ଯେ ବୁଡ଼ିଯାଇ ମୃତ୍ୟୁ ବରଣ କରେ ସେ ମଧ୍ୟ ଶହିଦ୍ ଏବଂ ଯେ ଛାତ ଉପରୁ ପଡ଼ି ମୃତ୍ୟୁ ବରଣ କରେ ସେ ମଧ୍ୟ ଶହିଦ୍ ଅଟେ । ଯେତେବେଳେ ହ.ଅବୁ ଉବେଦାହ୍ ର.ଅଙ୍କର ଅନ୍ତିମ ସମୟ ଆସିଲା ସେତେବେଳେ ଆପଣ ଲୋକମାନଙ୍କୁ ଉପଦେଶ ପୂର୍ବକ କହିଲେ ଅଲ୍ଲାଃତାଲା ଆଦମର ସନ୍ତାନ ପାଇଁ ମୃତ୍ୟୁ ଧାର୍ଯ୍ୟ କରି ଦେଇଛନ୍ତି । ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁର ସ୍ୱାଦ ନିଶ୍ଚିତ ଚାଖିବ କିନ୍ତୁ ବୁଦ୍ଧିମାନ

ସେ ଯେ ଏଥିପାଇଁ ପ୍ରସ୍ତୁତ ରହିଥାଏ ଏବଂ ପରକାଳ (ହିସାବ ନିକାସ) ପାଇଁ ପ୍ରସ୍ତୁତି କରିଥାଏ । ଦେଖ ଅମିରୁଲ୍ ମୁମିନିନ୍‌ଙ୍କୁ ମୋର ସଲାମ କହିଦେବ ଏବଂ ତାଙ୍କୁ କହିବ ଯେ ମୁଁ ନିଜର ସମସ୍ତ ଅମାନତ୍ ପୈଠ କରିଦେଇଛି । ସେଥିଅନ୍ତେ ହ.ଅବୁ ଉବେଦାହ୍ ର.ଅ କହିଲେ ଯେ ମୋତେ ଏହି ସ୍ଥଳେ ହିଁ ସମାଧି ଦେବ । ଅତଏବ ଅରଦନ୍ ଭୂମିର ବେସାନ୍ ସ୍ଥାନରେ ତାଙ୍କୁ କବର ଦିଆଯାଇଥିଲା । ଆପଣ ୧୮ ହିଜରୀରେ ୫୮ ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ । ଯେତେବେଳେ ହ.ଅବୁ ଉବେଦାହ୍ ର.ଅଙ୍କର ଦେହାନ୍ତ ହେଲା ସେତେବେଳେ ହ.ମାଜ୍ ର.ଅ ଲୋକମାନଙ୍କୁ କହିଲେ ଆଜି ଆମମାନଙ୍କ ଗହଣରୁ ସେହି ବ୍ୟକ୍ତି ଆରପାରିକୁ ଚାଲିଗଲେ ଯାହାଙ୍କଠୁ ବଳି ନିର୍ମଳ ଓ ପବିତ୍ର ହୃଦୟୀ ତଥା ମନ୍ଦବ୍ୟକ୍ତିଙ୍କୁ ସ୍ନେହ ଆଦର କରିବା, ତାଙ୍କ ଦେଖାଶୁଣା କରିବା ବ୍ୟକ୍ତି ମୁଁ ଅନ୍ୟ କାହାରିକୁ ଦେଖି ନାହିଁ । ଦୁଆ କର ପ୍ରଭୁ ତାଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ।

ହ. ଉମର ର.ଅ ଏକଦା ନିଜ ସାଥିମାନଙ୍କୁ କହିଲେ ମୋର ଏହି ଅଭିଳାଷା କି ଏହି ଘର ହ.ଅବୁ ଉବେଦାହ୍ ର.ଅ, ହ.ସାଲିମ୍ ମୌଲା ଅବୁ ହୁଜେଫା ର.ଅ, ହ. ହୁଯେଫା ବିନ୍ ୟମାନ୍ ର.ଅ ଓ ହ.ମାଜ୍ ବିନ୍ ଜବଲ ର.ଅ ଆଦିଙ୍କ ଦ୍ୱାରା ଭରି ରୁହନ୍ତା କି । ଅତଏବ କିଭଳି ଭାଗ୍ୟବାନ ଏମାନେ ଯେ ସଂସାରରେ ପ୍ରଭୁଙ୍କ ପ୍ରୀତିଭାଜନ ଲାଭକାରୀ ଥିଲେ ଏବଂ ପରକାଳରେ ମଧ୍ୟ ସେହି ପରମେଶ୍ୱରଙ୍କ ପ୍ରୀତିଭାଜନ ଲାଭକାରୀ ଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଆଙ୍କର ଚର୍ଚ୍ଚା ଏଠାରେ ଶେଷ ହେଲା । ବର୍ତ୍ତମାନ ମୁଁ କିଛି ଜନାଯାଃ ପଢାଇବି । ଆମର ଜଣେ ଶହିଦ୍ ପ୍ରୋଫେସର୍ ଡ଼ାଃ ନଇମୁଦ୍ଦିନ ଖଟକ୍ ସାହେବ ପିତା ଫଜଲଦ୍ଦିନ୍ ଖଟକ୍ ସାହେବ ଜିଲା ପେଶାଓ୍ୱର, ଯାହାଙ୍କୁ ଚଳିତ ଅକ୍ଟୋବର ମାସ ୫ ତାରିଖ ଦିନ ବିରୋଧିମାନେ ତାଙ୍କ ଉପରକୁ ଗୁଳି ଚାଳନା କରି ଶହିଦ୍ କରିଦେଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା । ଅଲ୍ଲାଃତାଲା ମୃତକ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ରକ୍ଷା କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏଥିଅନ୍ତେ ହଜୁର ଅନଓ୍ୱର ଅ.ବ ପ୍ରିୟ ଉସାମା ସାଦିକ୍ ଯେ କି ଜାମିୟା ଆହମଦିୟା ଜର୍ମାନୀର ଛାତ୍ର ଥିଲେ ଏବଂ ଶ୍ରୀମାନ ସଲିମ୍ ମଲକ୍ ସାହେବ ଶିକ୍ଷକ ଜାମିୟା ଆହମଦିୟା ୟୁ.କେଙ୍କ ଉତ୍ତମ ଚରିତ୍ରର ଚର୍ଚ୍ଚା କଲେ ଏବଂ ସେମାନଙ୍କ ସହ ପ୍ରଭୁ ଦୟା ଓ କ୍ଷମା ଆଚରଣ କରିବା ପାଇଁ ଦୁଆ କଲେ ଏବଂ ନମାଜ ଜୁମା ପରେ ଏମାନଙ୍କ ନମାଜ ଜାନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ୍ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
9th October 2020